**ହାତୀ ଆକ୍ରମଣରେ ମହିଳା ମୃତ**

ଢେଙ୍କାନାଳ (ରତନ ନାୟାର): ଢେଙ୍କାନାଳ ଜିଲା ସଦର ଥାନା ସଦର ରେଞ୍ଜ୍‌କାଇମାଟିଗ୍ରାମପଞ୍ଚାୟତ କୁକୁଡ଼ାଝର କାଳୁ ଜଙ୍ଗଲରେ ଶୁକ୍ରବାର ରାତିରେ ହାତୀ ଆକ୍ରମଣରେ ଗ୍ରାମର ଜୟନ୍ତୀ ସାହୁ ନାମକ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ଖବରପାଇ ବନବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ଏସ୍‌ପିଙ୍କୁ ଭେଟିଲେ କଂଗ୍ରେସର ପ୍ରତିନିଧି ଦଳ

**ବଳାତ୍କାର ପରେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ମାମଲା**

- ୬ ଦିନ ପରେ ବି ଅଭିଯୁକ୍ତ ଧରାପଡ଼ି ନାହାନ୍ତି
- ଡିଜିଙ୍କୁ ପତ୍ର ଲେଖିଲେ ପୂର୍ବତନ ବିଧାୟକ

ଢେଙ୍କାନାଳ,୨।୫(ରତନ ନାୟାର)



ଭାପୁର ଘଟଣାକୁ ନେଇ ଏସ୍‌ପିଙ୍କ କାର୍ଯ୍ୟାଳୟରେ କଂଗ୍ରେସ ପ୍ରତିନିଧି ଦଳ।

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରେ ସାପୁଆ ନଦୀ ବ୍ରିଜ୍ ନିକଟସ୍ଥ ଏକ ତୁଠରେ ଜଣେ ମହିଳା ଗତ ୨୭ ତାରିଖ ଦିନ ଗାଧୋଉଥିବା ବେଳେ ଜଣେ ଯୁବକ ତାଙ୍କୁ ବଳାତ୍କାର କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ । ମହିଳା ଜଣଙ୍କୁ କେତେଜଣ ସ୍ଥାନୀୟ ଲୋକ ଉଦ୍ଧାର କରି ଟ୍ରଲିରେ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ପରେ କଟକ ସ୍ଥାନାନ୍ତର କରାଯାଇଥିଲା । କଟକ ଏସ୍‌ସିବିରେ ମହିଳା ଜଣକ ମୃତ୍ୟୁ ସହିତ ସଂଘର୍ଷ କରୁଥିବା ବେଳେ ଘଟଣାର ୬ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କାହାକୁ ଗିରଫ କରିନାହିଁ।

ଶନିବାର ଅପରାହ୍ନ ସାଢେ ୨ଟା ସମୟରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ କଂଗ୍ରେସ ଦଳର ଏକ ପ୍ରତିନିଧି ଦଳ ଏସ୍‌ପିଙ୍କୁ ଭେଟି ଭାପୁର ଘଟଣାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ଯଦି ପୋଲିସ ପକ୍ଷରୁ ନିଷ୍କ୍ରିୟତା ଜାରିରହେ, ତେବେ କଂଗ୍ରେସ ତୀବ୍ର ଆନ୍ଦୋଳନ କରିବ ବୋଲି ପ୍ରତିନିଧି ଦଳରେ ଆସିଥିବା ପିସିସି ଉପସଭାପତି ସସ୍ମିତା ବେହେରା ସୂଚନା ଦେଇଛନ୍ତି। ତାଙ୍କ ସହିତ ଏହି ପ୍ରତିନିଧି ଦଳରେ ପିସିସି ମୁଖପାତ୍ର ସମସିଦା ତାଏବ, ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନଙ୍କ ସମେତ ସରୋଜ ଶତପଥୀ, ବିନୟ କୁମାର ସାହୁ ଓ ବାସନ୍ତୀ ସ୍ୱାଇଁ ପ୍ରମୁଖ ଏସ୍‌ପିଙ୍କୁ ଭେଟିଥିଲେ । ସେହିପରି ପୂର୍ବତନ ବିଧାୟକ ନବୀନ ନନ୍ଦ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଲିଖିତ ଭାବରେ ଜଣାଇଛନ୍ତି । ପୀଡ଼ିତାଙ୍କ ପରିବାରକୁ ଆବଶ୍ୟକ ଅନୁଯାୟୀ ସୁରକ୍ଷା ଓ ମାମଲାକୁ ସମ୍ବେଦନଶୀଳ ମାମଲା ଭାବରେ ଗ୍ରହଣ କରିବା, ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋରରୁ କଠୋରତମ ଦଣ୍ଡ ପ୍ରଦାନ କରିବା ପାଇଁ ପୂର୍ବତନ ବିଧାୟକ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପି ଅଭିନବ ସୋନକର କହିଛନ୍ତି, ଅଭିଯୋଗ ଅନୁଯାୟୀ ଆମର ତଦନ୍ତ ଜାରିରହିଛି । ପୀଡ଼ିତାଙ୍କ ବୟାନ ଉପରେ ଯାଞ୍ଚ କରାଯାଇ ତଦନ୍ତ ଚାଲିଛି । ଖୁବଶୀଘ୍ର ଘଟଣାର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଏସ୍‌ପି କହିଥିଲେ । ସେହିପରି ଭାପୁର ବଣିଆସାହିର ଗ୍ରାମବାସୀମାନେ ଶନିବାରା ଅଭିଯୁକ୍ତଙ୍କ ଗିରଫ ଦାବିରେ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣାର ୬ଦିନ ପରେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ନଥିବା ବେଳେ ଏ ସଂପର୍କରେ ଭାପୁର ଫାଣ୍ଡି ପୋଲିସ୍‌କୁ ପଚାରିବାରୁ ପୋଲିସ ଗ୍ରାମବାସୀମାନଙ୍କୁ ଦୁର୍ବ୍ୟବହାର କରିଥିବା ଗ୍ରାମବାସୀ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ଢେଙ୍କାନାଳ ଜିଲାରେ ପାସ୍ ହାର ୯୪.୫୩ ପ୍ରତିଶତ

## ଏ-୧ରେ ୭୭ ଜଣ ଉତ୍ତୀର୍ଣ୍ଣ

ଢେଙ୍କାନାଳ,୨।୫(ରତନ ନାୟାର)

ଢେଙ୍କାନାଳ ଜିଲାର ମାଟ୍ରିକ୍ ପରୀକ୍ଷାଫଳ ଚଳିତବର୍ଷ ୯୪.୫୩ ପ୍ରତିଶତ ହୋଇଛି । ଜିଲାରେ ମୋଟ ୨୦୬୯ଟି ହାଇସ୍କୁଲର ୧୬୫୪୨ଜଣ ପରୀକ୍ଷା ଦେଇଥିବା ବେଳେ ୨୪୬ଜଣ ଉପସ୍ଥିତ ଥିଲେ । ମୋଟ ୧୫୪୦୪ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରେ ୭୪୨୧ ଛାତ୍ରୀ ଓ ୭୯୮୩ଜଣ ଛାତ୍ର । ଚଳିତବର୍ଷ ଜିଲାରେ ଏ-୧ରେ ୭୭ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏ-୨ରେ ୪୮୪, ବି-୧ରେ ୧୩୦୩, ବି-୨ରେ ୨୭୪୩, ସି-ରେ ୩୯୦୯, ଡି-ରେ ୪୧୮୩, ଇ-ରେ ୨୭୦୫ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୮୯୨ଜଣ ଫେଲ ହୋଇଥିବା ଜଣାପଡିଛି । ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲ ଛାତ୍ର ଅମନ କୁମାର ବେହେରା ଓ ଅରଣ୍ୟ କୁମାର ସାହୁ ଉଭୟେ ୫୭୯ନମ୍ବର ଲେଖାଏଁ ରଖି ଚଳିତବର୍ଷ ଢେଙ୍କାନାଳ ଜିଲାର ଯୁଗ୍ମ ଟପ୍ପର ହୋଇଥିବା ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟର ବିଜ୍ଞାନ ନିରୀକ୍ଷକ ଲକ୍ଷ୍ମୀଧର ମହନ୍ତଙ୍କ ସୂଚନାରୁ ଜଣାପଡିଛି ।

ସେହିପରି ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କାମାକ୍ଷାନଗରର ମାନସ ରଞ୍ଜନ ନାଥ ୫୭୫, ଓଡାପଡା ବ୍ଲକ ମୋଟଙ୍ଗା ବୈଶାକ ଉଚ୍ଚ ବିଦ୍ୟାପୀଠର ଅପରାଜିତା ସାହୁ ୫୭୦, ଧଳପୁର ନୋଡାଲ ହାଇସ୍କୁଲର ସ୍ୱେତାଞ୍ଜଳି ମହାପାତ୍ର ୫୬୨, ପଂଚାୟତରାଜ ହାଇସ୍କୁଲ କାନପୁରାରର ଅକ୍ଷୟ କୁମାର ମୁଦୁଲି ୫୬୧, ଏସ୍‌କେ ହାଇସ୍କୁଲ ସଦାଶିବପୁରର ରୂପାଲି ଶତପଥୀ ୫୫୯, ପଞ୍ଚାୟତରାଜ ହାଇସ୍କୁଲ କାନପୁରାର ରାଜଶ୍ରୀ ମହନ୍ତ ୫୫୯, ବାଇସିଙ୍ଗା ଗ୍ରାମପଞ୍ଚାୟତ ନୋଡାଲ ହାଇସ୍କୁଲର ପ୍ରୀତି ପ୍ରକୃତି ଦାସ ୫୫୮, ପଞ୍ଚାୟତ ହାଇସ୍କୁଲ ମରୁଆବିଲିର ରାକେଶ କୁମାର ମହନ୍ତ ୫୫୭ନମ୍ବର ରଖି ପ୍ରଥମ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବା ଜଣାପଡିଛି ।

## ସରସ୍ୱତୀ ଶିଶୁମନ୍ଦିରର ଶତ ପ୍ରତିଶତ ଫଳାଫଳ



ସ୍ୱୟଂସିଦ୍ଧା ନନ୍ଦ



ସୂଚୀସ୍ମିତା ବେଉରା

ଢେଙ୍କାନାଳ ସୁନ୍ଦରିଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚଳିତବର୍ଷ ମାଟ୍ରିକ ପରୀକ୍ଷା ପାସ୍‌ହାର ଶତ ପ୍ରତିଶତ ହୋଇଛି। ମୋଟ ୮୪ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ-୧ରେ ୫ଜଣ, ଏ-୨ରେ ୧୨ଜଣ, ବି-୧ରେ ୧୮, ବି-୨ରେ ୧୬, ସି-ରେ ୨୫, ଡି-ରେ ୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଛାତ୍ରୀ ସ୍ୱୟଂସିଦ୍ଧା ନନ୍ଦ ଓ ସୂଚୀସ୍ମିତା ବେଉରା ମୋଟ ୫୫୭ନମ୍ବର ଲେଖାଏଁ ରଖି ବିଦ୍ୟାଳୟର ଯୁଗ୍ମ ଟପ୍ପର ହୋଇଥିବା ବେଳେ ଅଶ୍ଳେଷା ଶୁଭଦର୍ଶିନୀ ୫୫୬, ଭାଗ୍ୟଲକ୍ଷ୍ମୀ ସାହୁ ୫୪୪, କ୍ଷୀରାବ୍ଧି ତନୟା ସାହୁ ୫୪୦ନଂ ରଖି କୃତିତ୍ୱ ହାସଲ କରିଛନ୍ତି । ମୋଟ ୫୧ଜଣ ଛାତ୍ରୀଛାତ୍ର ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଜଣାପଡିଛି ।

# ସାପୁଆ ଡ୍ୟାମ୍‌ରେ ବୁଡ଼ିଗଲା କାର୍: ୧ ମୃତ, ୩ ଆହତ



ରାସୋଳ, ୨।୫ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଠାରେ ଥିବା ସାପୁଆ ଡ୍ୟାମରେ ଶୁକ୍ରବାର ଅପରାହ୍ନରେ ଏକ କାର୍ ବୁଡିଯିବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଦମକଳ ବାହିନୀ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଭୁବନେଶ୍ୱରରୁ ପ୍ରସନ୍ନ ମହାରଣା, ସତ୍ୟଜିତ ନାୟକ, ସତ୍ୟବ୍ରତ ପାଟଶାହାଣି, ରଞ୍ଜନ ସାହୁ ଭୋଜି କରିବାକୁ ସାପୁଆ ଡ୍ୟାମ୍ ଆସିଥିଲେ। ଅସାବଧାନତା ହେତୁ କାରଟି ପାଣି ଭିତରକୁ ପଶିଯାଇଥିଲା। ଫଳରେ ଘଟଣା ସ୍ଥଳରେ ପ୍ରସନ୍ନ ମହାରଣା (୭୦)ଙ୍କ ମୃତ୍ୟୁ ଘଟିଥିଲା।

# ଇଡ୍‌କୋ ସିଜିଏମ୍, ଡିଏଫ୍‌ଓଙ୍କୁ ନୋଟିସ ଜାରି

**ଲାନ୍‌କୋ ଜମିହରା ପ୍ରଜା ମାମଲା**

ଢେଙ୍କାନାଳ,୨।୫(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ଓ କୁରୁଣ୍ଟି ଗ୍ରାମର ଲାନକୋ ଜମିହରା ପ୍ରଜାଙ୍କ ପକ୍ଷରୁ ଏମ୍‌ଓୟୁ ଉଲ୍ଲଂଘନ ନେଇ ରାଜ୍ୟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ଜିଲାପାଳଙ୍କ ନିକଟରେ ମାମଲାର ଶୁଣାଣି ଜାରିରହିଛି । ଆସନ୍ତା ୧୫ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ତାରିଖରେ ଇଡ୍‌କୋର ସିଜିଏମ୍ ଓ ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀ ରେକର୍ଡ ସହ ଉପସ୍ଥିତ ରହିବା ପାଇଁ ଜିଲାପାଳଙ୍କ ପକ୍ଷରୁ ଶନିବାର ଉଭୟଙ୍କୁ ନୋଟିସ୍ ଜାରି ହୋଇଥିବା ଜମିହରା ପ୍ରଜାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ରାଜ୍ୟ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଲଳିତେନ୍ଦୁ ମିଶ୍ରଙ୍କୁ ସୂଚନାରୁ ଜଣାପଡିଛି । ଆଇନଜୀବୀ ମିଶ୍ରଙ୍କ ସୂଚନା ଅନୁଯାୟୀ ଉଚ୍ଚ ନ୍ୟାୟାଳୟ ସମସ୍ତ ଷ୍ଟେକ୍ ହୋଲଡରଙ୍କୁ ଶୁଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯେହେତୁ ଇଡ୍‌କୋ ପ୍ରମୁଖ ଷ୍ଟେକ୍ ହୋଲଡର, ତେଣୁ ତାଙ୍କୁ ପକ୍ଷଭୁକ୍ତ ପାଇଁ ନୋଟିସ୍ କରିବା ନିମନ୍ତେ ଆମେ ଜିଲାପାଳଙ୍କୁ ଗତ ୧୮ ତାରିଖରେ ଏକ ପିଟିସନ ଦେଇଥିଲୁ। ୨୦୨୩ରେ ଇଡ୍‌କୋ ଜରିଆରେ ଜମି ଅଧିଗ୍ରହଣ ପାଇଁ ସାଫ୍ରନ କମ୍ପାନୀ ସହ ଯେଉଁ ଲିଜ୍‌ଡିଡ୍ ହୋଇଥିଲା, ତାହା ବିଭିନ୍ନ ପର୍ଯ୍ୟାୟରେ ଉଲ୍ଲଂଘନ ହୋଇଛି । ତେଣୁ ଏହା ଜାଣିବା ପରେ ମଧ୍ୟ ଇଡ୍‌କୋ କାହିଁକି ଉକ୍ତ ଲିଜ୍‌ଡିଡ୍‌କୁ ବାତିଲ କରିବା ପାଇଁ ପଦକ୍ଷେପ ନେଉନାହାନ୍ତି, ସେନେଇ ଆମେ ଇଡ୍‌କୋକୁ ପକ୍ଷଭୁକ୍ତ କରିବା ପାଇଁ ଜିଲାପାଳଙ୍କୁ ଜଣାଇଛୁ । ସେହିପରି ଉକ୍ତ ଅଞ୍ଚଳ ହାତୀ କରିଡର ବୋଲି ଜିଲା ବନଖଣ୍ଡ ଅଧିକାରୀ ଆଗରୁ ଲିଖିତ ଭାବରେ ଜଣାଇଥିବା ଆଇନଜୀବୀ ମିଶ୍ର କୁହନ୍ତି । ତଦନୁଯାୟୀ ଇଡ୍‌କୋର ସିଜିଏମ୍ ଓ ଢେଙ୍କାନାଳ ଡିଏଫଓଙ୍କୁ ଜିଲାପାଳ ନୋଟିସ୍ ଜାରି କରିଥିବା ଜଣାପଡିଛି ।

# ଲକ୍ଷ୍ମୀପ୍ରିୟା ଭୁବନ ବ୍ଲକ୍ ଟପ୍ପର

ଭୁବନ, ୨।୫ (ବିପିନ ବିହାରୀ ସେଠୀ)





ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଭୁବନ ବ୍ଲକର ୨ଜଣ ଏ-ୱାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ସର୍ବାଧିକ ୫୪୩ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ଜମ୍ବେଶ୍ୱର ଉଚ୍ଚବିଦ୍ୟାଳୟର ଛାତ୍ର ନିର୍ଲିପ୍ତ ପ୍ରିୟରଞ୍ଜନ ନାୟକ ୫୪୦ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଲକ୍ଷ୍ମୀପ୍ରିୟାଙ୍କ ଘର ଭୁବନ ଏନଏସି ୱାଡ ନମ୍ବର ୧୦ କାଚରାସାହିରେ। ସେ ରମାରାଣୀ ସାହୁ ଓ ବିଜୟ କୁମାର ସାହୁଙ୍କ କନ୍ୟା। ଲକ୍ଷ୍ମୀପ୍ରୀୟା ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକମାନଙ୍କୁ ସେବା ଯୋଗାଇ ଦେବାପାଇଁ ପ୍ରକାଶ କରିଛନ୍ତି।

# ପଞ୍ଚାୟତିରାଜ ହାଇସ୍କୁଲର ଶତ ପ୍ରତିଶତ ସଫଳତା

କାମାକ୍ଷାନଗର, ୨।୫ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ଚଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ମୋଟ ୨୦୭ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଏ-୧ରେ ୨୬ଜଣ, ଏ-୨ରେ ୫୯, ବି-୧ରେ ୬୧ , ବି-୨ରେ ୩୮, ସି ଗ୍ରେଡ୍‌ରେ ୧୭, ଡି ଗ୍ରେଡରେ ୫, ଇ- ଗ୍ରେଡରେ ଜଣେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲାରେ ମୋଟ ୭୭ଜଣ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଉକ୍ତ ବିଦ୍ୟାଳୟ ସର୍ବାଧିକ ୨୬ଟି ଏ-୧ ଗ୍ରେଡ ପାଇଛି। ଛାତ୍ର ଆରଣ୍ୟ କୁମାର ସାହୁ ଓ ଅମନ କୁମାର ବେହେରା ଉଭୟ ୫୭୯ ନମ୍ବର ରଖି ଜିଲାରେ ଯୁଗ୍ମ ଟପ୍ପର ହୋଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ପରେଶ କୁମାର ପାତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ କର୍ତ୍ତବ୍ୟ ନିଷ୍ଠାକୁ ପ୍ରଶଂସା କରିଛନ୍ତି। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉପଜିଲାପାଳ ବିକାଶ କୁମାର ମହିନ୍ତି ପଞ୍ଚାୟତରାଜ ଉଚ୍ଚବିଦ୍ୟାଳୟ ସମେତ କାମାକ୍ଷାନଗର ଉପଖଣ୍ଡ ଜିଲାରେ ଏ-୧ ସଫଳତା ପାଇଁ ସଂପୃକ୍ତ ବିଦ୍ୟାଳୟକୁ ଶୁଭେଚ୍ଛା ଜଣାଇଛନ୍ତି।

# ବଜ୍ରପାତରେ ଜଣେ ମୃତ

କାମାକ୍ଷାନଗର,୨।୫ (ସୁଧୀର କୁମାର ପରିଡ଼ା)

କାମାକ୍ଷାନଗର ଥାନା କଙ୍କଡାହାଡ଼ ବ୍ଲକ ରାଇବୋଲ ଗ୍ରାମର ଜଣେ ବ୍ୟକ୍ତି ବଜ୍ରାଘାତରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ରାଇବୋଲ ଗ୍ରାମର ହୃଷିକେଶ ସାହୁ ଅନନ୍ତପୁର ସାହିକୁ କୌଣସି କାମରେ ଯାଇଥିଲେ। ବର୍ଷା, ଝଡ଼ପବନ ହେବାରୁ ସେ ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ କୁକୁଡ଼ା ଫାର୍ମରେ ଆଶ୍ରୟ ନେଇଥିଲେ। ଅପରାହ୍ନ ପ୍ରାୟ ୪ଟା ସମୟରେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଖୋଜାଖୋଜି କଲାପରେ ମୃତଦେହ ପଡିଥିବା ଦେଖି କାମାକ୍ଷାନଗର ଉପଖଣ୍ଡ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଓୟୁଜେ ଢେଙ୍କାନାଳ ଶାଖା ପକ୍ଷରୁ ବିକ୍ଷୋଭ



ଓୟୁଜେ ଢେଙ୍କାନାଳ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଢେଙ୍କାନାଳ,୨।୫(ରତନ ନାୟାର)

ଓଡ଼ିଶା ସାମ୍ବାଦିକ ୟୁନିୟନ ଢେଙ୍କାନାଳ ଶାଖା ପକ୍ଷରୁ ୩ଦଫା ଦାବି ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ପେନସନ, ସୁରକ୍ଷା ଓ ଆକ୍ରିଡିଟେଶନକୁ ନେଇ ଏହି ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଜିଲାର ସମସ୍ତ ୮ଟି ବ୍ଲକର କାର୍ଯ୍ୟରତ ଖବରଦାତାମାନେ ଯୋଗଦେଇ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ପ୍ରଦାନ କରିବା ପାଇଁ ଦାବି କରିଥିଲେ। ବରିଷ୍ଠ ଖବରଦାତା ରାଜଶ୍ରୀ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ଶାଖାର ସମ୍ପାଦକ ଶିଶିର କୁମାର ଶତପଥୀ ବିକ୍ଷୋଭ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବରିଷ୍ଠ ଖବରଦାତା ପ୍ରସନ୍ନ ପଟ୍ଟନାୟକ, ପ୍ରଦ୍ୟୁମ୍ନ ରଥ, ସୁକାନ୍ତ ମିଶ୍ର, ବିଶ୍ୱନାଥ ବେହେରା, ରାମଚନ୍ଦ୍ର ପାତ୍ର, କାମାକ୍ଷାନଗର ବ୍ଲକ ଖବରଦାତା ସଂଘ ସଭାପତି ହିମାଂଶୁ ଶେଖର ମହାପାତ୍ର, ସମ୍ପାଦକ ହୃଦୟ ବଲ୍ଲଭ ମିଶ୍ରଙ୍କ ସମେତ ରାକେଶ ଦେହୁରୀ, ସୁଧୀର ପରିଡା, କଙ୍କଡ଼ାହାଡ ବ୍ଲକର ବରିଷ୍ଠ ଖବରଦାତା ଦିବ୍ୟସିଂହ ଦେହୁରୀ, ଓଡ଼ାପଡ଼ା ବ୍ଲକର ସଭାପତି ରବି ନାରାୟଣ ବେହେରା ଓ ରଣଜିତ୍ ନାୟକଙ୍କ ସମେତ ଢେଙ୍କାନାଳର ସତ୍ୟସ୍ୱରୂପ ଦାସ, ଅଥୟ ସାହୁ, ଅରବିନ୍ଦ ସାହୁ, ବିନୋଦ ମହାନ୍ତି, ସ୍ୱର୍ଣ୍ଣପ୍ରଭା ସେଠୀ, ସନ୍ତୋଷ ଶତପଥୀ, ଦିନେଶ ଦାସ, ଲକ୍ଷ୍ମୀକାନ୍ତ ସାହୁ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ଆଶିଷ ଶତପଥୀ, ସାଶ୍ୱତୀ ରାଉତ, ବିକାଶ ପଣ୍ଡା, ସତ୍ୟ ନାରାୟଣ କର, ବିଜ୍ଞାନ ମହାନ୍ତି, ସୁଶାନ୍ତ ପାଣି, ଅମାନୀ ସାହୁ, ଆଦିତ୍ୟ ପଣ୍ଡା, ଗଙ୍ଗାଧର ରାଉତ, ଗଁଦିଆର ମହେନ୍ଦ୍ର ସାହୁ, ସରୋଜ ଶତପଥୀ ପ୍ରମୁଖ ଉଦ୍‌ବୋଧନ ପ୍ରଦାନ କରି ଦାବିଗୁଡିକ ପୂରଣ ପାଇଁ ଜୋର ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ଓ ଏସ୍‌ପି ଅଭିନବ ସୋନକରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ଗଁଦିଆ ଅଞ୍ଚଳରେ କାଳବୈଶାଖୀ

ଗଁଦିଆ,୨।୫(ବିଶ୍ୱ ମୋହନ ସାହୁ)



ଢେଙ୍କାନାଳ ଜିଲା ଗଁଦିଆ ଅଞ୍ଚଳରେ ଶନିବାର ଅପରାହ୍ନରେ କାଳ ବୈଶାଖୀରେ ବ୍ୟାପକ କ୍ଷତି ହୋଇଛି। ଏହାର ପ୍ରଭାବରେ ଅନେକ ସ୍ଥାନରେ ଅମୃତ ଭଣ୍ଡା, ଆମ୍ବ, ପିଜୁଳି ଆଦି ଅନେକ ଗଛର ଭାଙ୍ଗି ଯାଇ ବ୍ୟାପକ କ୍ଷତି ହୋଇଛି। ସେହିପରି କେତେକ ସ୍ଥାନରେ ଝୁମ୍ପୁଡ଼ି ଓ କଚା ଚାଳ ଘର କ୍ଷତିଗ୍ରସ୍ତ ହୋଇଥିବାର ଜଣାଯାଏ । ଅଧିକାଂଶ ସ୍ଥାନରେ ଗଛରୁ ଡାଳ ସବୁ ବିଦ୍ୟୁତ ତାରରେ ପଡି ଯିବା ଦ୍ୱାରା ବିଦ୍ୟୁତ ଯୋଗାଣ ବ୍ୟାହତ ହୋଇଛି। କେତକ ସ୍ଥାନରେ ରାସ୍ତା ଉପରେ ଡାଳ ଓ ଗଛ ଭାଙ୍ଗି ପଡିବା ଫଳରେ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଥିଲା । ବ୍ଲକରେ ବିଦ୍ୟୁତ ସେବାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଜନସାଧାରଣ ନିବେଦନ କରିଛନ୍ତି।

# ଭୁବନରେ କାଳବୈଶାଖୀ, ୩ ଆହତ

ଭୁବନ, ୨।୫ (ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭୁଷଳ ପଞ୍ଚାୟତ କିଙ୍ଗୋଳ ଦଳିତ ସାହିର ନିର୍ମଳ ମଲିକଙ୍କ ଘରେ ଶନିବାର କାଳବୈଶାଖୀରେ ଗଛ ପଡ଼ି ଘର ଭାଙ୍ଗିଯାଇଛି। ଘର ଭିତରେ ଥିବା ନିର୍ମଳ ମଳିକ ଓ ତାଙ୍କ ସ୍ତ୍ରୀଙ୍କ ସହ ପୁଅ ଆହତ ହୋଇଛନ୍ତି। ପରିବାର ଲୋକ ଶୋଇଥିବା ଅବସ୍ଥାରେ କାଳବୈଶାଖି ହୋଇଥିଲା। ଘର ନିକଟରେ ଥିବା ଅଶସ୍ଥ ଗଛଟି ଭାଙ୍ଗି ପଡିାରୁ ଫାଇଲ ଛପର ଖର ଭାଙ୍ଗି ଯାଇଥିଲା। ଭୁବନ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ବାହାର କରିଥିଲେ। କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

# ସିଏମ୍ ଟ୍ରଫି ପାଇଁ ଜିଲାସ୍ତରୀୟ କ୍ରୀଡ଼ା ଉଦ୍‌ଯାପିତ

**କ୍ରୀଡ଼ାର ଭିତ୍ତିଭୂମିକୁ ଅଧିକ ମଜଭୁତ କରାଯିବ**

ଢେଙ୍କାନାଳ,୨।୫(ରତନ ନାୟାର)



ଚଳିତ ବର୍ଷ ସିଏମ୍ ଟ୍ରଫି ହାସଲ ନିମନ୍ତେ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି । କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ଜିଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମଠାରେ ଅନୁଷ୍ଠିତ ଜିଲାସ୍ତରୀୟ କ୍ରୀଡା ମହାକୁମ୍ଭ ଉଦ୍‌ଯାପନୀ ଉତ୍ସବରେ ପୌରାଧକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପିଲାମାନେ ଆମ ଦେଶର ଭବିଷ୍ୟତ । ସେମାନଙ୍କର ଉନ୍ନତି ଆମର ଉନ୍ନତି। କ୍ରୀଡ଼ାର ଭିତ୍ତିଭୂମିକୁ ଅଧିକ ମଜଭୁତ୍ କରିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ଆଗାମୀ ଦିନରେ ମଧ୍ୟ ଏହିଭଳି କ୍ରୀଡ଼ା ପ୍ରତିଭାମାନଙ୍କୁ ଚୟନ କରାଯାଇ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ଉଦ୍ୟମ ଜାରିରହିବ ବୋଲି ପ୍ରକାଶ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ୧୪ ବର୍ଷରୁ କମ ବର୍ଗର ପିଲାଙ୍କ ମଧ୍ୟରେ ସକାଳେ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେଇଥିଲା। ବାଳିକା ଦଳରେ ସଦର ବ୍ଲକ, ଦିଲ୍ଲୀ ପବ୍ଲିକ୍ ସ୍କୁଲକୁ ହରାଇ ଚମ୍ପିଆନ୍ ଟ୍ରଫି ହାସଲ କରିଥିଲେ। ଦିଲ୍ଲୀ ପବ୍ଲିକ୍ ସ୍କୁଲ ରନର୍ସ ଟ୍ରଫି ହାସଲ କରିଥିଲେ। ସେହିପରି ବାଳକ ଦଳ ମଧ୍ୟରେ ହୋଇଥିବା ଫୁଟବଲ ମ୍ୟାଚରେ ସଦର ବ୍ଲକ୍ ଦଳ, କଙ୍କଡାହାଡ଼ ବ୍ଲକ୍ ଦଳକୁ ହରାଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲେ । କଙ୍କଡ଼ାହାଡ଼ ବ୍ଲକ୍ ରନର୍ସ ଅପ୍ ଟ୍ରଫି ହାସଲ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉଦଯାପନୀ ଉତ୍ସବରେ ଅଗ୍ନିଶମ ଅଧିକାରୀ ଦୀନବନ୍ଧୁ ମଲ୍ଲିକ୍, ଜିଲା ଶାରିରୀକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିଥିଲେ ।

# ଶ୍ରମିକ ସହାୟତା, ୩୫୦ ଜଣଙ୍କୁ ପରିଚୟପତ୍ର ପ୍ରଦାନ

**ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ**

ଢେଙ୍କାନାଳ,୨।୫(ରତନ ନାୟାର)




ଢେଙ୍କାନାଳ ଆର୍ଟଆଣ୍ଡ କ୍ରାଫ୍ଟସେଣ୍ଟରଠାରେ ଜିଲାସ୍ତରୀୟରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଥିଲେ, ରାଷ୍ଟ୍ର ନିର୍ମାଣରେ ଶ୍ରମିକ ଭାଇଭଉଣୀମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କର ସହଯୋଗ ବିନା କୌଣସି ପ୍ରକାରର ନିର୍ମାଣ ସମ୍ଭବ ନୁହେଁ। ରାଜ୍ୟ ତଥା ଦେଶର ସାମଗ୍ରିକ ବିକାଶ ନିମନ୍ତେ ସେମାନଙ୍କର ନିରନ୍ତର ଉଦ୍ୟମ ଯୋଗୁ ସମ୍ଭବ ହୋଇପାରୁଛି ବୋଲି ମତବ୍ୟକ୍ତ କରିଥିଲେ। କୌଣସି ଶ୍ରମିକ ଭାଇଭଉଣୀ କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ହେଲେ ଜିଲା ଶ୍ରମ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ଶ୍ରମିକ ଭାଇଭଉଣୀମାନଙ୍କ ବିନା କୌଣସି ପ୍ରକାରର ଉନ୍ନତି ସମ୍ଭବ ନୁହେଁ ବୋଲି ମତ ପ୍ରକାଶ କରିଥିଲେ। ଶ୍ରମିକ ଭାଇଭଉଣୀ ଯେକୌଣସି ସମସ୍ୟାର ସମ୍ମୁଖୀନ ହେଲେ ତାହାର ସମାଧାନ ପାଇଁ ତାଙ୍କର ପରାମର୍ଶ ନେବାକୁ ପୌରାଧକ୍ଷା ଜୟନ୍ତୀ ପାତ୍ର କହିଥିଲେ। ଏହି ଅବସରରେ ଶ୍ରମିକମାନଙ୍କ ପିଲାଙ୍କ ଶିକ୍ଷା, ବିବାହ, ପ୍ରସୂତୀକାଳୀନ ସହାୟତା, ମୃତ୍ୟୁକାଳୀନ ସହାୟତା ଓ ଅନ୍ତେଷ୍ଟିକ୍ରିୟା ପାଇଁ ୯୬୬ ଜଣ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ୫,୧୭,୧୩,୮୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା ବେଳେ ୩୫୦ ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଜିଲା ଶ୍ରମ ଅଧିକାରୀ ତପନ କୁମାର ସୂତାର ସ୍ୱାଗତ ଭାଷଣ ଦେଇଥିଲେ। ସମାରୋହରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀରଞ୍ଜନ ସେଠୀ, ଡିଏସ୍‌ପି କେ. ଜିସା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସା ନାୟକ ପ୍ରମୁଖ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶ୍ରମିକମାନଙ୍କ ଭୂମିକା ଓ ଶ୍ରମ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ସହକାରୀ ଶ୍ରମ ଅଧିକାରୀ ସଂଗ୍ରାମ ଦଳାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁନିତ କିଶୋରନଗର ବ୍ଲକ ଟପ୍ପର



ବଇଣ୍ଡା,୨।୫(ପରିକ୍ଷିତ ସାହୁ)

ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫଳରେ ଅନୁଗୋଳ ଜିଲା କିଶୋରନଗର ବ୍ଲକର ୩ଟି ହାଇସ୍କୁଲରେ ୩ ଜଣ ଛାତ୍ର ଏ-୧ରେ ଥିବାବେଳେ ନାକିଚି ହାଇସ୍କୁଲର ଛାତ୍ର ପୁନିତ କୁମାର ସାହୁ ୫୫୭ ନମ୍ବର ରଖି ବ୍ଲକରେ ଟପ୍ପର ହୋଇଥିବା ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ସେହିପରି ଫୁଲମ୍ବା ହାଇସ୍କୁଲର ଛାତ୍ର ହୃଷୀକେଶ ସାହୁ ୫୪୭ ନମ୍ବର ରଖି ଦ୍ୱିତୀୟ ସ୍ଥାନ, ବଇଣ୍ଡା ମା' ମାହେଶ୍ୱରୀ ହାଇସ୍କୁଲ ଛାତ୍ର ତୁଷାର ଲୋଚନ ନାୟକ ୫୪୦ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରଘୁନାଥପୁର ଗ୍ରାମର ରଣଜିତ କୁମାର ସାହୁ ଓ ସୁପ୍ରଭା ସାସମଲଙ୍କ ପୁଅ ପୁନିତ କହିଛନ୍ତି, ସେ ଦିନକୁ ୮ ଘଣ୍ଟା ପରିଶ୍ରମ କରିଥିବାବେଳେ ତାଙ୍କ ମା' ବାପା ଓ ଶିକ୍ଷକଙ୍କ ଆଶୀର୍ବାଦ ଯୋଗୁ ଟପ୍ପର ହୋଇପାରିଛନ୍ତି। ସେ ଆଗକୁ ଓଏଏସ୍ ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

# ୬୫୨ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ

### ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ



ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ଅବସରରେ ଅତିଥିମାନେ ସହାୟତା ପ୍ରଦାନ କରୁଛନ୍ତି।

ଅନୁଗୋଳ,୨।୫(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ପ୍ରଶାସନ ଓ ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ସଭାଘର ପରିସରରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୬୫୨ ହିତାଧିକାରୀଙ୍କୁ ୩,୬୧,୩୫,୮୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮୩ ଜଣଙ୍କୁ ୯ ଲକ୍ଷ ୫୫ ହଜାର ୮୦୦ ଟଙ୍କାର ଶିକ୍ଷା ସହାୟତା, ୪୫୯ ଜଣଙ୍କୁ ୨ କୋଟି ୨୯ ଲକ୍ଷ ୫୦ ହଜାର ଟଙ୍କାର ବିବାହ ସହାୟତା, ୩୬ ଜଣ ହିତାଧିକାରୀଙ୍କୁ ୩ ଲକ୍ଷ ୬୦ ହଜାର ପ୍ରସୂତିକାଳୀନ ସହାୟତା, ୩୯ ଜଣଙ୍କୁ ୧ କୋଟି ୧୫ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା, ୩୪ ଜଣଙ୍କୁ ୧ ଲକ୍ଷ ୭୦ ହଜାର ଟଙ୍କାର ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ସହିତ ଜଣେ ଅଣସଙ୍ଗଠିତ ଶ୍ରମିକଙ୍କୁ ୨ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସେହିପରି ୧୦୦ ନିର୍ମାଣ ଶ୍ରମିକ ଏବଂ ୨୦୦ ଅଣସଙ୍ଗଠିତ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସୁଦୀପ କୁମାର ଗଡ଼ନାୟକ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଯୁଗ୍ମ ଶ୍ରମ ଆୟୁକ୍ତ କୁବେର ବେହେରା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ, ଜିଲା ଶ୍ରମ ଅଧିକାରୀ (କଲ୍ୟାଣ) ଲିରିକା ରାୟ, ଅନୁଗୋଳ ସହକାରୀ ଶ୍ରମ ଅଧିକାରୀ ଦେବପ୍ରସାଦ ମହାନ୍ତିଙ୍କ ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରମିକ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରମିକ ଦିବସ ଅବସରରେ ଶ୍ରମିକ ସଭା

ଅନୁଗୋଳ,୨।୫(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳସ୍ଥିତ ବାବା ଚମେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଶ୍ରମିକ ଦିବସ ଅବସରରେ ଏକ ଶ୍ରମିକ ସଭା ଶିକ୍ଷକପଡ଼ାସ୍ଥିତ ଏଆଇୟୁଟିୟୁସି ଜିଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସାଧାରଣ ସମ୍ପାଦକ ଦୀପକ କୁମାର ସିଂହଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ସଂଘ କାର୍ଯ୍ୟକାରୀ ସଭାପତି ମାନସ ପାଳ, ମୁଖ୍ୟବକ୍ତା ଭାବେ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ତଥା ସଂଘ ସଭାପତି ଜୟସେନ ମେହେର, ଏଆଇୟୁଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ସମ୍ମାନିତ ଅତିଥି ଭାବେ ଏସୟୁସିଆଇ(କମ୍ୟୁନିଷ୍ଟ) ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ ଏବଂ ସୁବାସ ପ୍ରଧାନ ମଞ୍ଚାସୀନ ଥିଲେ। ବିଭିନ୍ନ ଦାବି ନେଇ ଆସନ୍ତା ୨୬ ତାରିଖରେ ସରକାରଙ୍କୁ ଦାବିପତ୍ର ଦେବାକୁ ସଂଘ ପକ୍ଷରୁ ଘୋଷଣା କରାଯାଇଥିଲା। ଦିଲୀପ ସାସମଲ, ସୁକାନ୍ତ ସାହୁ, ପ୍ରତାପ ସାହୁ, ବାଉରୀବନ୍ଧୁ ବେହେରା, ରାଜେଶ ଗୋଚ୍ଛାୟତ, ବିକାଶ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବଇଣ୍ଡା, ୨।୫ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଉଗୁଲ୍ଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଧାକର ପ୍ରଧାନଙ୍କୁ ଗୁରୁବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଜନୀକାନ୍ତ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଲୋକନାଥ ବିଶ୍ୱାଳ, କୃଷ୍ଣଚନ୍ଦ୍ର ବେହେରା, ଡିଲେଶ୍ୱର ଦେହୁରୀ, ପ୍ରିୟତ ପ୍ରଜ୍ଞା ନାୟକ, ରଞ୍ଜିତ କଅଁର, ଶିକ୍ଷାବିତ୍ ସନତ କୁମାର ପ୍ରଧାନ, ବୀରେନ୍ଦ୍ର କୁମାର ସାହୁ, ଗୁଣାନିଧି ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରଧାନଙ୍କ ଉତ୍ତରୀୟ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ବିଦ୍ୟାଳୟରେ ଦୀର୍ଘ ୪୦ ବର୍ଷ ଶିକ୍ଷକତା କରିଥିବା ପ୍ରଧାନ ଜଣେ ଆଦର୍ଶ ଶିକ୍ଷକ ଭାବେ ଜଣାଶୁଣା ଥିଲେ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ମାନପତ୍ର ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଆମ ପୋଲିସ ସମିତି ବୈଠକ



ଆମ ପୋଲିସ ସମିତି ବୈଠକରେ ପୋଲିସ ଅଫିସରଙ୍କ ସହ କର୍ମକର୍ତ୍ତାମାନେ।

ବନ୍ତଲା,୨।୫(ସୁଶିତ ସାହୁ)

ବନ୍ତଲା ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବିଭୂତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନାରୀ ସୁରକ୍ଷା, ବାଲ୍ୟବିବାହ ସଚେତନତା, ନିଶା ନିବାରଣ, ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ଭାବେ ଆଲୋଚନା ହୋଇଥିଲା। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଏସବୁ ଦିଗରେ ବିଶେଷ ସହାୟକ ହେବ ବୋଲି ଥାନା ଅଧିକାରୀ ପ୍ରକାଶ କରିଥିଲେ। ଅତିରିକ୍ତ ଥାନା ଅଧିକାରୀ ବିଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏଏସ୍‌ଆଇ ବିଷ୍ଣୁ ପ୍ରସାଦ ଗୌଡ଼ ବୈଠକ ଆୟୋଜନ କରିଥିଲାବେଳେ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବନ୍ତଲା ଥାନା ଅଞ୍ଚଳର ୧୬ଟି ପଞ୍ଚାୟତର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ, ବରିଷ୍ଠ ନାଗରିକ ଓ ଜନପ୍ରତିନିଧି ଯୋଗଦେଇଥିଲେ।

# 'ସ୍ୱଚ୍ଛତାର ସହ ହୋଇଛି ତଦନ୍ତ'

### ନାବାଳିକାଙ୍କ ମୃତଦେହ ଜବତ ମାମଲା

ଅନୁଗୋଳ,୨।୫(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସଦର ଥାନା ଶ୍ୟାମସୁନ୍ଦରପୁର ଗାଁର ଜଣେ ନାବାଳିକାଙ୍କ ମୃତ୍ୟୁ ଘଟଣାର ତଦନ୍ତ ପୋଲିସ ପକ୍ଷରୁ ସ୍ୱଚ୍ଛତାର ସହ କରାଯାଇଛି। ସିବିଆଇ କିମ୍ବା କ୍ରାଇମବ୍ରାଞ୍ଚ ତଦନ୍ତର ଆବଶ୍ୟକତା ନାହିଁ ବୋଲି ଏ ସମ୍ପର୍କିତ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ରାୟରେ ଉଲ୍ଲେଖ କରିଥିବା ଅନୁଗୋଳ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସ ପକ୍ଷରୁ କୁହାଯାଇଛି, ୨୦୨୫ ସେପ୍ଟେମ୍ବର ୬ ତାରିଖରେ ଶ୍ୟାମସୁନ୍ଦରପୁର ଗ୍ରାମର ୧୦ ବର୍ଷୀୟା ନାବାଳିକା ଖେଳିବାକୁ ବାହାରକୁ ଯାଇ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ପରଦିନ ସକାଳେ ତାଙ୍କ ମୃତଦେହ ପାଖ ନାଳରୁ ଜବତ କରାଯାଇଥିଲା। ପାରିପାର୍ଶ୍ୱିକ ଅବସ୍ଥା ଦେଖି ଗ୍ରାମବାସୀ ଏହାକୁ ବଳାତ୍କାର ପରେ ହତ୍ୟା ବୋଲି ଧରି ନେଇଥିଲେ। ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଏହି ମାମଲାର ତଦନ୍ତ କରାଯାଇଥିଲା। ସାଇଣ୍ଟିଫିକ ଟିମ୍, ଡଗ୍ ସ୍କ୍ୱାଡ୍‌ର ସହାୟତା ନିଆଯାଇଥିଲା। ନଂ. ୧୪/୨୦୨୫ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ସାକ୍ଷୀମାନଙ୍କ ଜମାନବନ୍ଦୀ ଏବଂ ତଦନ୍ତର ଟିକିନିଖି ରିପୋର୍ଟରେ ବଳାତ୍କାରର କୌଣସି ସନ୍ଧାନ ମିଳି ନ ଥିଲା। କିନ୍ତୁ ପୋଲିସର ଏହି ତଦନ୍ତ ମୃତ ନାବାଳିକାଙ୍କ ପରିବାରବର୍ଗ ଏବଂ ଗାଁ ଲୋକଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା। ବିଭିନ୍ନ ସମୟରେ ଏହାକୁ ନେଇ ରାସ୍ତାରୋକୋ ଏବଂ ଆନ୍ଦୋଳନ କରାଯାଇଥିଲା। ଏହାପରେ ଏହି ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ କିମ୍ବା ସିବିଆଇକୁ ହସ୍ତାନ୍ତର ପାଇଁ ପରିବାର ପକ୍ଷରୁ ଅକ୍ଷୟ ସେଠ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ତେବେ ବିଚାରପତି ସାବିତ୍ରୀ ରଥ ତଦନ୍ତ ରିପୋର୍ଟ ଅନୁଧ୍ୟାନ କଲା ପରେ ପୋଲିସର ତଦନ୍ତ ପ୍ରକ୍ରିୟା ସ୍ୱଚ୍ଛତା ଓ ନିରପେକ୍ଷତାର ସହ ହୋଇଛି ବୋଲି କହିବା ସହ ଅନ୍ୟ କୌଣସି ସଂସ୍ଥାକୁ ମାମଲା ହସ୍ତାନ୍ତର କରିବାର ଆବଶ୍ୟକତା ନାହିଁ ବୋଲି ରାୟରେ ପ୍ରକାଶ କରିଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ୩ ଦଫା ଦାବି ନେଇ ଧାରଣା

ଅନୁଗୋଳ,୨।୫(ଦିବ୍ୟଶାନ୍ତନୁ ନାଥ)

ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ଆହ୍ୱାନରେ ସାମ୍ବାଦିକଙ୍କୁ ସରକାରଙ୍କ ପ୍ରତାରଣା ବିରୋଧରେ ଅନୁଗୋଳ ଜିଲା ଶାଖା (ଏଡିୟୁଜେ) ପକ୍ଷରୁ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳା ବ୍ୟାଜ୍ ପିନ୍ଧି ଧାରଣା ଦିଆଯାଇଥିଲା। ପେନସନ, ପ୍ରୋଟେକ୍ସନ ଓ ଆକ୍ରିଡିଟେଶନ ଦାବି ପୂରଣ ନ ହେବା ଯାଏ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ। ପରେ ୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏଡିୟୁଜେ ସଭାପତି ଅଜିତ ଧର, ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ସାମଲଙ୍କ ନେତୃତ୍ୱରେ ଏହି ଧାରଣାରେ କମଳାକାନ୍ତ ମିଶ୍ର, ସୁବାସ ଶତପଥୀ, ସୁଧାକର ସାହୁ, ଦିଲୀପ କୁମାର ସାହୁ, ରାଜେଶ ସେକ ସେରିଆ, ଦିନେଶ ନାଏକ, ଉଦୀପ୍ତ କୁମାର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ବାଇକ୍ ଧକ୍କା, ୩ ଗୁରୁତର

ଅନୁଗୋଳ,୨।୫(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ବିଜୁ ମଇଦାନ ସମ୍ମୁଖରେ ଶନିବାର ଅପରାହ୍ନ ୨ଟା ବେଳେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅମଳାପଡ଼ା ଅଞ୍ଚଳର ପ୍ରହ୍ଲାଦ ସାହୁ (୪୦), ବଲୁଅକଟା ଗ୍ରାମର ବିକି ପ୍ରଧାନ ଏବଂ କାହ୍ନା ପ୍ରଧାନ। ସୂଚନା ଅନୁଯାୟୀ, ଅମଳାପଡ଼ା ଅଞ୍ଚଳର ପ୍ରହ୍ଲାଦ ସାହୁ ଏକ ବାଇକ୍ ଯୋଗେ ହାଟ ଛକ ଆଡ଼କୁ ଯାଉଥିବାବେଳେ ବିପରୀତ ଦିଗରୁ ବିକି ପ୍ରଧାନ ଏବଂ କାହ୍ନା ପ୍ରଧାନ ଗୋଟିଏ ବାଇକ୍‌ରେ ଆସୁଥିଲେ। ବିଜୁ ମଇଦାନ ସମ୍ମୁଖରେ ୨ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଖବରପାଇ ଟାଉନ ପୋଲିସ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରି ପୋଲିସ ଗାଡ଼ିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ୨ ବାଇକ୍‌କୁ ଜବତ କରି ଏକ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଛି ଟାଉନ ପୋଲିସ।

## ଲକ୍ଷ୍ମୀ ନାରାୟଣ ମନ୍ଦିରରେ ବିଷ୍ଣୁ ସହସ୍ର ମହାଯଜ୍ଞ

ସନ୍ତ୍ରୀଛକ,୨।୫(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ମହୀଧରପୁରସ୍ଥିତ ଚିନ୍ତାମଣି ମଠଠାରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଶୁକ୍ରବାର ବିଶ୍ୱଶାନ୍ତି ମହାଯଜ୍ଞ ଓ ବିଷ୍ଣୁସହସ୍ର ନାମ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ବିନୋଦ ଚନ୍ଦ୍ର କର ଯଜ୍ଞକାର୍ଯ୍ୟ ସମ୍ପାଦନା କରିଥିବାବେଳେ ବିରଞ୍ଚି ନାରାୟଣ ଦାସ, ବିନୋଦ କୁମାର ପଣ୍ଡା, ବିପ୍ରବର ପଣ୍ଡା, ଉତ୍ତମ କୁମାର ଦାସ, ସୁବ୍ରତ କୁମାର ବେଉରା, ନିରଞ୍ଜନ ସାହୁ, ବିଭୂତି ଭୂଷଣ ଆଚାର୍ଯ୍ୟ, ସଂଯୁକ୍ତା ନାଥ, ଗୀତା ସାହୁ, ପ୍ରମୋଦିନୀ ନାଥ, ବିଦ୍ୟୁତ୍ ପ୍ରଭା ଦାସ, ରଶ୍ମିତା ବେଉରା, ହେମନ୍ତ ବିଶ୍ୱାଳ, ଜୟନ୍ତୀ ନାୟକ, ସରୋଜ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଆନନ୍ଦ ଚନ୍ଦ୍ର ମହାପାତ୍ର ମାନବ ସେବା, ଜଗନ୍ନାଥ ସଂସ୍କୃତି ଓ ଧାର୍ମିକ ଜାଗରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଯଜ୍ଞଶେଷରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇ ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା।

## ବୈଶାଖ ପୂର୍ଣ୍ଣିମା ବିଶ୍ୱଶାନ୍ତି ମହାଯଜ୍ଞ

ବନ୍ତଲା,୨।୫(ସୁଶିତ ସାହୁ)

ଅନୁଗୋଳ ବ୍ଲକ ବାରଗୌଣିଆ ଗାଁ ସ୍ଥିତ ମା' ପାଣ୍ଡୁରିଶୁଣୀ ପୀଠରେ ଶୁକ୍ରବାର ବୈଶାଖ ପୂର୍ଣ୍ଣିମାରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳେ କଳସ ଶୋଭାଯାତ୍ରା ପରେ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନା କରାଯାଇଥିଲା। ପଣ୍ଡିତ ଶ୍ରୀନିବାସ ମିଶ୍ର ଯଜ୍ଞକାର୍ଯ୍ୟ କରିଥିଲେ। ଗାଁ ସଭାପତି ଅଶୋକ ପ୍ରଧାନ ଓ ନନ୍ଦିନୀ ପ୍ରଧାନ କର୍ତ୍ତା ସାଜିଥିଲେ। ପ୍ରବଚକ କାଳନ୍ଦୀ ଚରଣ ଦାସ ପ୍ରବଚନ ଦେଇଥିଲେ। ମହିଳା ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ କରିଥିଲେ। ସତ୍ୟାନନ୍ଦ ଅମାନ୍ତ ପୂଜାପାଠ ସମ୍ପାଦନ କରିଥିଲେ। ଗାଁ ସମ୍ପାଦକ ଦିଗାମ୍ବର ସାହୁ, ବିଜୟକେତନ ପ୍ରଧାନ, ଉଦ୍ଧବ ପ୍ରଧାନ, ପ୍ରଦୀପ ସାହୁ, ସୁମନ୍ତ ସାହୁ, ତ୍ରିନାଥ ସାହୁ, ଅମର ପ୍ରଧାନ, ସତ୍ୟାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଚନ୍ଦନଯାତ୍ରା ପାଇଁ ପ୍ରଶାସନର ସମୀକ୍ଷା

ବଇଣ୍ଡା, ୨।୫ (ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଆସନ୍ତା ୭ ତାରିଖରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଶନିବାର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର ଲୁହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କିଶୋରନଗର ତହସିଲଦାର ବିକ୍ରମ ନାୟକ, ଜାତୀୟ ରାଜପଥ କାର୍ଯ୍ୟାଳୟ ସମ୍ବଲପୁରର ସିନିୟର ମ୍ୟାନେଜର ସୁନୀଲ ପୂଜାରୀ, ଏବିଡିଓ ଦିଲୀପ କୁମାର ପ୍ରଧାନ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ମାନସ ସାହୁ, ବିନୀତ ସାହା, ରାଜେନ୍ଦ୍ର ସାହୁ, ଜନ୍ମେଶ୍ୱର ସାହୁ, ବଇଣ୍ଡା ରାଜସ୍ୱ ଅଧିକାରୀ ପ୍ରଦୀପ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଭୁବନେଶ୍ୱରୀ ନାୟକଙ୍କ ସମେତ ଅଞ୍ଚଳବାସୀ ଯୋଗ ଦେଇଥିଲେ। ବଇଣ୍ଡାରେ ଉପଖଣ୍ଡର ପ୍ରସିଦ୍ଧ ଯାତ୍ରା ହେଉଥିବାବେଳେ କିପରି ସମସ୍ତ ସମସ୍ୟା ସମାଧାନ ହେବ ସେ ନେଇ ଆଲୋଚନା କରିଥିଲେ । ବଇଣ୍ଡାରେ ଭାଙ୍ଗି ଯାଇଥିବା ସମସ୍ତ ଡ୍ରେନ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ଜାତୀୟ ରାଜପଥ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ଷ୍ଟ୍ରିଟ୍ ଲାଇଟ ମରାମତି ସହ ଫ୍ଲାଏଓଭର ବ୍ରିଜ୍‌ରେ ଲାଗିଥିବା ସମସ୍ତ ବିଜ୍ଞାପନ ହୋର୍ଡିଂ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବଇଣ୍ଡା ଛକ ଅଞ୍ଚଳକୁ ଆସି କିପରି ଶୋଭାଯାତ୍ରା ହେବ ସେ ନେଇ ସମୀକ୍ଷା କରିଥିଲେ।

## ରୁଗୁଡ଼ିସାହି ଛକରେ ଅଷ୍ଟପ୍ରହର ନାମଯଜ୍ଞ

ଆଠମଲ୍ଲିକ,୨।୫(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ସହରସ୍ଥିତ ରୁଗୁଡ଼ି ସାହି ଛକରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ରାତିରେ ଶୁଭାଧିବାସ ହୋଇଥିବାବେଳେ ଶୁକ୍ରବାର ପୂଜକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପୂଜାନୀତି ସମ୍ପନ୍ନ କରିଥିଲେ। ଏହାପରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ୧୪ଟି ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। କର୍ତ୍ତା ଭାବେ ସୁଶାନ୍ତ ବେହେରାମାଳି ଦାୟିତ୍ୱ ତୁଲାଇଥିଲେ। କମିଟି ସଭାପତି ଭାବେ କାହ୍ନୁ ବେହେରାମାଳି, ସମ୍ପାଦକ ସତ୍ୟାନନ୍ଦ ଭୁକ୍ତା, କୋଷାଧ୍ୟକ୍ଷ ପ୍ରଭାତ କୁମାର ଦନ୍ତା, ସଭ୍ୟ ଧୀରୋଜ ନାୟକ, ଜିତେନ୍ଦ୍ର ପ୍ରଧାନ, ସରୋଜ ନାୟକ, ପ୍ରତାପ ବାଘ, ଅମରେନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ପାତ୍ର, ମୋହନ ମହାକୁଡ଼, ସବ୍ୟସାଚୀ ପ୍ରଧାନ, ଦେବାର୍ଚ୍ଚନ ନାୟକଙ୍କ ସମେତ ସାହି ବାସିନ୍ଦା ସହଯୋଗ କରିଥିଲେ।

## ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ

ବଅଁରପାଳ,୨।୫(ସୁବାସ ସାହୁ)

ବଅଁରପାଳ ବ୍ଲକ ନାଲ୍‌କୋନଗର ଭୀମ ଭୋଇ ବାଟିକାରେ ଶୁକ୍ରବାର ସନ୍ଧ୍ୟାରେ ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କୁଲାଡ଼ ମହିମା ଧର୍ମର ରବି ବାବାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଭୀମ ଭୋଇଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ଜୀବନ ଦର୍ଶନ ଓ ମାନବତାବାଦୀ ବାଣୀ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମହିମା ଧର୍ମର ବୈରାଗୀ ସେଠ, ରାଜେଶ ଜେନା, ପରେଶ ଜେନା, ପୃଥ୍ୱୀରାଜ ଜେନା ଓ ସ୍ଥାନୀୟ ଭକ୍ତ, ସାମାଜିକ କର୍ମୀ ଏବଂ ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ରେଙ୍ଗାଲି ଜଳଭଣ୍ଡାରରେ ହେବ କେଜ୍ କଲଚର୍ ହବ୍



ବୈଠକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଓ ବିଧାୟକଙ୍କ ସହ ଅନ୍ୟମାନେ।

କଣିହାଁ,୨।୫(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଲି ଓଏଚ୍‌ପିସି ଅତିଥି ଭବନରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର କାର୍ଯ୍ୟକାରିତା ବିଷୟକୁ ନେଇ ଶୁକ୍ରବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏଥିରେ ଯୋଗ ଦେଇଥିଲେ। ରେଙ୍ଗାଲି ଜଳଭଣ୍ଡାରଠାରେ କେଜ୍ କଲଚରର ସମ୍ପ୍ରସାରଣ, ପଶୁପାଳକଙ୍କ ସଶକ୍ତୀକରଣ ଏବଂ ସ୍ଥାନୀୟ ଅଞ୍ଚଳରେ କ୍ଷୁଦ୍ରଶିଳ୍ପର ବିକାଶ ମାଧ୍ୟମରେ କର୍ମନିଯୁକ୍ତି ସୃଷ୍ଟି କରିବା ବିଷୟରେ ଆଲୋଚନା କରାଯାଇଥିଲା। ବିଶେଷକରି ମତ୍ସ୍ୟ ଚାଷର ବିକାଶ ପାଇଁ ରେଙ୍ଗାଲି ଜଳଭଣ୍ଡାର ଠାରେ ହୋଇଥିବା ଜେଜ କଲଚରକୁ ଦେଖି ତାହାର ସମ୍ପ୍ରସାରଣ ବିଷୟରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ସ୍ଥିତିରେ ରେଙ୍ଗାଲି ଜଳ ଭଣ୍ଡାରଠାରେ ୪ ଗୋଟି କେଜ କଲଚର ଥିବା ଜାଣିବା ପରେ ମତ୍ସ୍ୟ ଚାଷର ବୃଦ୍ଧି ପାଇଁ ଆଉ ପ୍ରାୟ ୧୨୬ଟି କେଜ କଲଚର ନିର୍ମାଣ ସହ ରେଙ୍ଗାଲିକୁ ଏକ କେଜ କଲଚର ହବ୍ କରିବାକୁ ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ପ୍ରକଳ୍ପ ପାଇଁ ୧୨୬ କୋଟି ଟଙ୍କାର ପ୍ରସ୍ତାବ ସରକାରଙ୍କ ପାଖରେ ରହିଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ବୈଠକରେ ଜିଲା ମତ୍ସ୍ୟ ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲା ଶିଳ୍ପକେନ୍ଦ୍ରର ମହାପ୍ରବନ୍ଧକ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଜଣେ ମୃତ

ବଇଣ୍ଡା, ୨।୫ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ବାମୁର ପଞ୍ଚାୟତ ଆମ୍ବଦର ଗ୍ରାମରେ ସାପ କାମୁଡ଼ାରେ ଦକ୍ଷ ମୁଣ୍ଡାଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ସେ ଘରେ ଶୋଇଥିବାବେଳେ ସାପ ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ କିଶୋରନଗର ମେଡିକାଲରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ପୋଖରୀରେ ପଶିଗଲା କାର୍

ବଇଣ୍ଡା,୨।୫(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ବାମୁର ରେଲ୍‌ୱେ ଫାଟକ ନିକଟରେ ଶୁକ୍ରବାର ଏକ କାର୍ ପୋଖରୀ ଭିତରକୁ ପଶିଯାଇଛି। ସୂଚନା ଅନୁସାରେ, ବାମୁର ପଟରୁ କିଶୋରନଗର ଆଡ଼କୁ ଏକ କାର୍ ଦ୍ରୁତ ଗତିରେ ଯାଉଥିବାବେଳେ ରେଲୱେ ଫାଟକ ପରେ ଥିବା ବାଙ୍କ ନିକଟରେ ଭାରସାମ୍ୟ ହରାଇ ଦୋକାନ ଘର ଭିତର ଦେଇ ପୋଖରୀ ଭିତରେ ପଶି ଯାଇଥିଲା। ସ୍ଥାନୀୟ ଲୋକେ କାର୍ ଚାଳକଙ୍କୁ ଉଦ୍ଧାର କରିଥିଲେ।

# ଜିଲା ଶିକ୍ଷା ଅଧିକାରୀଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ




ଓଡ଼ିଶା ମିଳିତ ପାଚିକା-ସହାୟିକା ସଂଘର ଶୋଭାଯାତ୍ରା।

ଅନୁଗୋଳ,୨।୫(ଦିବ୍ୟଶାନ୍ତନୁ ନାଥ)

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ପାଚିକା-ସହାୟିକା ସଂଘ ଅନୁଗୋଳ ଜିଲା କମିଟି ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ ଅଫିସ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୫ଶହରୁ ଅଧିକ ପାଚିକା-ସହାୟିକା ସ୍ଥାନୀୟ ଗୋପବନ୍ଧୁ ପାର୍କଠାରୁ ଶୋଭାଯାତ୍ରାରେ ଆସିଥିଲେ। ଓଡ଼ିଶା ମିଳିତ ପାଚିକା-ସହାୟିକା ସଂଘ ଜିଲା ସଭାପତି ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସଂଘ ରାଜ୍ୟ ସଭାପତି ତଥା ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ଜୟସେନ ମେହେର, ସମ୍ପାଦକମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ, ଜିଲା ସମ୍ପାଦିକା ବୁଲି ବାରିକ, ସଙ୍ଗଠିକା ଉତ୍କଳିକା ତ୍ରିପାଠୀ, ସକୁନ୍ତଳା ସାହୁ, ଜ୍ୟୋତ୍ସ୍ନାମୟୀ ପାତ୍ର, ମିନତି ସାହୁ, ଚମ୍ପାବତୀ ବାରିକ, ମହିଳା ସାଂସ୍କୃତିକ ସଙ୍ଗଠନର ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ, ମନ୍ଦୋଦରୀ ରାଉଳ ପ୍ରମୁଖ ଯୋଗଦେଇ ପାଚିକା-ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା କିମ୍ବା ସରକାରଙ୍କ ଘୋଷିତ ଦୈନିକ ସର୍ବନିମ୍ନ ମଜୁରି ପ୍ରଦାନ, ଛୁଟି, ପିଏଫ୍ ଏବଂ ଅବସରକାଳୀନ ପେନସନ ବ୍ୟବସ୍ଥା ଏବଂ ଦୁର୍ଘଟଣାର ଶିକାର ହେଉଥିବା ପାଚିକା-ସହାୟିକାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବା, ୨୮ ମାସର ବକେୟା ତୁରନ୍ତ ପ୍ରଦାନ କରିବା ଆଦି ଦାବି କରିଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ଜିଲା ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ କରି ୧୧ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ।

